ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଚାରିଟେବୁଲ ଟ୍ରଷ୍ଟର
ବାର୍ଷିକ ମୁଖପତ୍ର-୨୦୨୨

# ସ୍ମୃତିସୁଧା

## (ବିଷୟବସ୍ତୁ: ନବ ଭାରତର ନିର୍ମାତା)


ସଭାପତି:
**ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା**

ମୁଖ୍ୟ ସଂପାଦକ:
**ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ**

ସମ୍ପାଦନା ମଣ୍ଡଳୀ:
ଶ୍ରୀ ପଞ୍ଚାନନ ସୁର
ଶ୍ରୀ ନୀଳକଣ୍ଠ ସାହୁ
ଶ୍ରୀ ନୀଳକଣ୍ଠ ଦାଶ
ଶ୍ରୀମତୀ ସରୋଜବାଳା ପଟ୍ଟନାୟକ
ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦାଶ
ଡକ୍ଟର ଦ୍ୱାରିକାନାଥ ମହାରଣା
ସୁଶ୍ରୀ ପ୍ରଶାନ୍ତମୟୀ ରଥ
ଶ୍ରୀଯୁକ୍ତ ପ୍ରଭାତ କୁମାର ମିଶ୍ର



ପ୍ରକାଶକ / ଯୋଗାଯୋଗ:
ଡ. ଏ.ପି.ଜେ. ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ, ଖଲ୍ଲିକୋଟ
ଦୂରଭାଷ: ୮୭୬୩୧୮୮୫୨୩, ୯୩୩୭୪୭୦୫୨୨

# ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଚାରିଟେବୁଲ ଟ୍ରଷ୍ଟ

**ଖଲ୍ଲିକୋଟ, ଗଂଜାମ**


**ସଭାପତି:**

ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରା

**ଟ୍ରଷ୍ଟି ସଦସ୍ୟ / ସଦସ୍ୟା**

କେ. ଗୌରୀଶଙ୍କର ପାତ୍ର, ସମାଜସେବୀ

ଶ୍ରୀମତୀ ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ଅଧ୍ୟାପିକା

ଶ୍ରୀଯୁକ୍ତ ସୁଶାନ୍ତ କୁମାର ଗୌଡ଼, ଶିକ୍ଷକ

ଶ୍ରୀଯୁକ୍ତ ହରପ୍ରସାଦ ସାମନ୍ତ (କୋଷାଧ୍ୟକ୍ଷ)

**ଉପଦେଷ୍ଟା ମଣ୍ଡଳୀ:**

ଶ୍ରୀଯୁକ୍ତ ହୟଗ୍ରୀବ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ

ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପଣ୍ଡା, ସମାଜସେବୀ

ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରଥ, ବିଶିଷ୍ଟ ଶିକ୍ଷାବିତ୍

ସୁଶ୍ରୀ କ୍ରୀଷ୍ଣା କୁମାରୀ ସାମନ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ

ଶ୍ରୀଯୁକ୍ତ ଗଣେଶ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ

ଶ୍ରୀଯୁକ୍ତ ଶ୍ରୀହର୍ଷ ମହାରଣା, ଶିକ୍ଷକ

ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ରଥ, ବରିଷ୍ଠ ଆଇନଜୀବୀ

ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ

ଶ୍ରୀଯୁକ୍ତ ବିନାୟକ ସାହୁ, ଆଇନ ପରାମର୍ଶଦାତା

ଶ୍ରୀଯୁକ୍ତ ମନମଦନ ସାହୁ, ସାମ୍ବାଦିକ

ଶ୍ରୀଯୁକ୍ତ ଗୋପୀନାଥ ବେହେରା, ପ୍ରଧାନଶିକ୍ଷକ

ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ

**ଜୟନ୍ତୀ ଉତ୍ସବ ସଂପାଦକ**

ଶ୍ରୀଯୁକ୍ତ ପଞ୍ଚାନନ ସୁର, ପ୍ରାକ୍ତନ କଳା ଅଧ୍ୟାପକ

**ସହ ସମ୍ପାଦକ**

ଶ୍ରୀଯୁକ୍ତ ନୀଳକଣ୍ଠ ଦାଶ, ଶିକ୍ଷକ

**ସମ୍ପାଦନା ମଣ୍ଡଳୀ**

ଡକ୍ଟର ଦ୍ୱାରିକାନାଥ ମହାରଣା

ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦାଶ

ସୁଶ୍ରୀ ପ୍ରଶାନ୍ତମୟୀ ରଥ

ଶ୍ରୀମତୀ ପ୍ରଭାତୀ କୁମାର ଦାସ

ଶ୍ରୀମତୀ ସରୋଜବାଳା ପଟ୍ଟନାୟକ

ଶ୍ରୀଯୁକ୍ତ ପ୍ରଭାତ କୁମାର ମିଶ୍ର

**ସଂଗଠନ ସଂପାଦନା ମଣ୍ଡଳୀ:**

ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ବେହେରା

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ନାହାକ

ଶ୍ରୀଯୁକ୍ତ ଦଣ୍ଡପାଣି ବେହେରା

ଶ୍ରୀମତୀ ମିତାରାଣୀ ପଟ୍ଟନାୟକ

ଶ୍ରୀମତୀ ପ୍ରଭାତୀ କୁମାରୀ ଦାଶ

ଶ୍ରୀମତୀ ମିତାଞ୍ଜଳି ମିଶ୍ର

ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ନାହାକ

ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ପଣ୍ଡା

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ବିଷୋୟୀ

ଶ୍ରୀଯୁକ୍ତ ବଟକୃଷ୍ଣ ଗୌଡ଼

**Prof. Ganeshi Lal**
Governor, Odisha

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

सत्यमेव जयते

RAJ BHAVAN
BHUBANESWAR-751008

ରାଜଭବନ
ଭୁବନେଶ୍ୱର-୭୫୧୦୦୮



# ଶୁଭ ବାର୍ତ୍ତା

ତା. ୨୪.୦୮.୨୦୨୨

ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହେଉଥିବା ଏବଂ ଏହି ଉପଲକ୍ଷେ ଏକ ସ୍ମରଣିକା 'ସ୍ମୃତିସୁଧା' ପ୍ରକାଶ ପାଉଥିବା ଜାଣି ଖୁସି ହେଲି ।

ଡ. ଏ.ପି.ଜେ. ଅବଦୁଲ୍ କଲାମ ଭାରତମାତାଙ୍କର ସୁଯୋଗ୍ୟ ସନ୍ତାନ । ସେ ଥିଲେ ଉତ୍କର୍ଷର ଏକ ପ୍ରତୀକ । ତାଙ୍କ ଜୀବନ ଥିଲା ଏକ ଆଲୋକ ବର୍ତ୍ତିକା ଯାହା ମାର୍ଗଦର୍ଶନ କରାଇଛି ସମଗ୍ର ମାନବ ଜାତିକୁ । ସରଳ ଜୀବନ ଓ ଉଚ୍ଚ ଚିନ୍ତନର ଏକ ମହାର୍ଘ ଉଦାହରଣ । ତାଙ୍କ ଜୀବନାଦର୍ଶକୁ ଧ୍ୟେୟ କରିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଡ. ଏ.ପି.ଜେ. ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଟ୍ରଷ୍ଟର ମହତ ପ୍ରୟାସ ପାଇଁ ସାଧୁବାଦ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)




धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
Dharmendra Pradhan



मंत्री
शिक्षा; कौशल विकास
और उद्यमशीलता
भारत सरकार
Minister
Education; Skill Development
& Entrepreneurship
Government of India


## ଶୁଭ ବାର୍ତ୍ତା

'ଡ. ଏ.ପି.ଜେ. ଅବଦୁଲ୍ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ୍' ପକ୍ଷରୁ ବାର୍ଷିକ ପତ୍ରିକା 'ସ୍ମୃତିସୁଧା' ପ୍ରକାଶ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ମୁଁ ଖୁସି ଯେ, ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ବିଷୟବସ୍ତୁ ରଖାଯାଇଛି 'ମେକର୍ସ ଅଫ୍ ମର୍ଡ଼ନ୍ ଇଣ୍ଡିଆ' । ଆଧୁନିକ ଭାରତ ନିର୍ମାଣରେ ଡ. କଲାମଙ୍କ ପରି ଅନେକ ମହାପୁରୁଷଙ୍କ ଅବଦାନ ରହିଛି । ଅନୁଷ୍ଠାନ ପକ୍ଷରୁ ଏହା ଉପରେ ଚର୍ଚ୍ଚା ଆଲୋଚନା ହେବା ସ୍ୱାଗତଯୋଗ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ୭୬ତମ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ 'ବିକଶିତ ଭାରତ' ସମେତ ୫ଟି ସଂକଳ୍ପ ନେବା ପାଇଁ ଆହ୍ୱାନ କରିଛନ୍ତି । ଆସନ୍ତୁ, ଆମେ ସମସ୍ତେ ଏହି ସଂକଳ୍ପକୁ ସାକାର କରିବା ପାଇଁ ପ୍ରତିବଦ୍ଧ ହେବା ଏବଂ ଆମର ଉତ୍ତର ଦାୟିତ୍ୱ ନିର୍ବାହ କରିବା ।

ଡ. ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ୍‌ର ସମସ୍ତ ସଦସ୍ୟଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇବା ସହ ସ୍ମରଣିକା ପ୍ରକାଶନର ସର୍ବସଫଳତା କାମନା କରୁଛି ।

ଧର୍ମେନ୍ଦ୍ର ପ୍ରଧାନ



**ଶ୍ରୀ ସମୀର ରଞ୍ଜନ ଦାଶ**
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

କାର୍ଯ୍ୟାଳୟ: ୦୬୭୪-୨୫୩୭୫୧
: ୦୬୭୪-୨୫୩୨୧୭୪
ମୋବାଇଲ: ୯୪୩୭୦୫୨୨୦୭

ପତ୍ର ସଂଖ୍ୟା............/ ରାମବିଗ.
ଭୁବନେଶ୍ୱର
ତାରିଖ: ୧୪.୦୯.୨୦୨୨

# ଶୁଭ ବାର୍ତ୍ତା

ଡକ୍ଟର ଏ.ପି.ଜେ. ଅବଦୁଲ କଲାମ୍ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ, ଖଲ୍ଲିକୋଟ, ଗଞ୍ଜାମ ଏହାର ସ୍ମୃତିଚାରଣର ୨ୟ ସଂସ୍କରଣ ଉତ୍ସବ ପାଳନ କରିବାକୁ ଯାଉଥିବା ଜାଣି ମୁଁ ଅତ୍ୟନ୍ତ ଖୁସି । ଏହି ଅବସରରେ ଏକ ସ୍ମରଣିକା 'ସ୍ମୃତିସୁଧା' ପ୍ରକାଶ ହେଉଥିବା ଅତ୍ୟନ୍ତ ଆନନ୍ଦର ବିଷୟ ।

ସାହିତ୍ୟିକ ଦକ୍ଷତା ଏବଂ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ସୁଯୋଗ ପ୍ରଦାନରେ ସ୍ମରଣିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ମଧ୍ୟ ପ୍ରେରଣା ଏବଂ ଉତ୍ସାହର ଉତ୍ସ । ମୁଁ ଆଶା କରୁଛି ସ୍ମରଣିକା ମୂଲ୍ୟବାନ ଅବଦାନ ସହିତ ସମୃଦ୍ଧ ହେବ ।

ଏହି ଆନନ୍ଦଦାୟକ ଅବସରରେ ମୁଁ ଏହି ଚାରିଟେବୁଲ୍ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମୁଁ ସ୍ମରଣିକାର କାର୍ଯ୍ୟ ଏବଂ ପ୍ରକାଶକୁ ଏକ ବଡ଼ ସଫଳତା କାମନା କରୁଛି ।

**(ସମୀର ରଞ୍ଜନ ଦାଶ)**



**ଶ୍ରୀ ରୋହିତ ପୂଜାରୀ**

ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

ଉଚ୍ଚଶିକ୍ଷା, ଓଡ଼ିଶା

କାର୍ଯ୍ୟାଳୟ: ୦୬୭୪-୨୫୩୬୦୨୦

ଇ.ପି.ଏ.ବି.ଏକ୍ସ.: ୦୬୭୪-୨୩୨୨୧୯୫


ପତ୍ର ସଂଖ୍ୟା............/ ରାମଉଶି.

ତାରିଖ: ...........................

# ଶୁଭ ବାର୍ତ୍ତା

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ଡକ୍ଟର ଏ.ପି.ଜେ. ଅବଦୁଲ କଲାମ୍ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ, ଖଲ୍ଲିକୋଟ, ଗଞ୍ଜାମର ଏକ ପ୍ରମୁଖ ସାମାଜିକ ଅନୁଷ୍ଠାନ ।

'ମାନବ ସେବା ହିଁ ମାଧବ ସେବା' । ଏହି ଚିନ୍ତାଧାରାରେ ବିଶ୍ୱାସ ରଖି ସମାଜର ଦୁସ୍ଥ, ଅସହାୟ ଲୋକଙ୍କ ସେବା କରିବା ସହ ନିଃଶୁଳ୍କ ରକ୍ତଦାନ ଶିବିର, ଚକ୍ଷୁଦାନ, ଅଙ୍ଗଦାନ, ସଚେତନତା ଶିବିର, ବୃକ୍ଷରୋପଣ, ବିଭିନ୍ନ ଜନସେବାମୂଳକ ସଚେତନତାଧର୍ମୀ କାର୍ଯ୍ୟମାନ ଗ୍ରହଣ କରିଆସୁଛି ।

ଏହି ଅନୁଷ୍ଠାନର ବାର୍ଷିକ ସଂଖ୍ୟା 'ସ୍ମୃତିସୁଧା'ର ଦ୍ୱିତୀୟ ସଂସ୍କରଣରେ ଆଧୁନିକ ଭାରତ ନିର୍ମାତାମାନଙ୍କ ସମ୍ବନ୍ଧରେ ଲେଖାମାନ ପ୍ରକାଶ ପାଉଥିବା ଜାଣି ଅତ୍ୟନ୍ତ ଆନନ୍ଦିତ ।

ମହାନ ବୈଜ୍ଞାନିକ, ଶିକ୍ଷାବିତ୍, ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍‌ଙ୍କ ଆଦର୍ଶକୁ ପାଥେୟ କରି ଅଧିକ ସଂସ୍କାରଧର୍ମୀ କାର୍ଯ୍ୟମାନ ଗ୍ରହଣ କରିବ ଏହା ମୋର ଆଶା ଓ ବିଶ୍ୱାସ । ଏହି ଅବସରରେ ପ୍ରକାଶ ହେବାକୁ ଯାଉଥିବା ସ୍ମରଣିକା 'ସ୍ମୃତିସୁଧା'ର ସର୍ବସଫଳତା କାମନା କରୁଅଛି ।

(ରୋହିତ ପୂଜାରୀ)

Satyabrata Bhoi, IPS
Inspector General of Police,
Southern Range,
Berhampur-760004
Odisha

Office: 0680-2292000
Res. : 0680-2292001
Fax: 0680-2290100
E-mail: digsr.orpol@nic.in
C.U.G. No.: 94389-15996
D.O. No.: 56 / Con (Sec),
Date: 22.09.2022



# MESSAGE

I am very much delighted and glad to hear that like previous year, the **Dr. A.P.J. Abdul Kalam Jana Kalyana Charitable Trust** is going to publish its annual souvenir "Smrutisudha" this year again for the interest of public with a focus on "Makers of Modern India", where readers can get information about the role of various individuals in making India as Modern and many more things relating to modern India.

I convey my hearty congratulations to the entire team of the **"Dr. A.P.J. Abdul Kalam Jana Kalyana Charitable Trust"** for their tireless efforts in bringing out the Souvenir and I hope it will reach greater heights in the future.

(*Satyabrata Bhoi*)
**I.G of Police,**
**Southern Range, Berhampur.**

# ଲୋକସେବକ ମଣ୍ଡଳ, ଓଡ଼ିଶା ଶାଖା

**SERVANTS OF THE PEOPLE SOCIETY, ODISHA BRANCH**

**(FOUNDED BY LALA LAJPAT RAI IN 1921)**

**'THE SAMAJA' , Gopabandhu Bhawan, Buxi Bazar, Cuttack-753001**

Tel. (0671) 2301240, Fax: (0671) 2301086, 2305086, Email: loksevakmandal@gmail.com

Ref. No. **7472**/ LSM/ 12 Date: **29.9.22**



**ଡ. ପ୍ରଭାସ ଆଚାର୍ଯ୍ୟ**
ରାଷ୍ଟ୍ରୀୟ ସଂପାଦକ
ଲୋକସେବକ ମଣ୍ଡଳ, ନୂଆଦିଲ୍ଲୀ

## ଶୁଭ ବାର୍ତ୍ତା

'ଡ. ଏ.ପି.ଜେ. ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ୍' ଖଲ୍ଲିକୋଟ , ଗଞ୍ଜାମର ସ୍ୱନକ୍ଷତ୍ର ଦିବସ ଅବସରରେ ବିବିଧ କାର୍ଯ୍ୟକ୍ରମ ସହ ପୂର୍ବତନ ରାଷ୍ଟ୍ରପତି ତଥା ବିଶ୍ୱର ଅଦ୍ୱିତୀୟ ବୈଜ୍ଞାନିକ ଡ. କଲାମଙ୍କ ୯୨ତମ ଜୟନ୍ତୀ ପାଳିତ ହେଉଥିବା ଅତ୍ୟନ୍ତ ଆନନ୍ଦର କଥା । ପୂର୍ଣ୍ଣ ବାବୁଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ବର୍ଷବ୍ୟାପି ଟ୍ରଷ୍ଟ ଜରିଆରେ ଜନକଲ୍ୟାଣକାରୀ ଓ ସଚେତନଧର୍ମୀ ବହୁ କାର୍ଯ୍ୟ ହାତକୁ ନେଇଥାଏ । ଭାରତର ଯୁବସମାଜକୁ ସ୍ୱପ୍ନ ଦେଖିବାର ମନ୍ତ୍ର ଦାନ କରିଥିବା ଡ. କଲାମଙ୍କ ଆଦର୍ଶକୁ ଆଜି ପ୍ରତିଟି ଘରେ ପହଞ୍ଚାଇବାର ଆବଶ୍ୟକତା ଅନୁଭୂତ ହେଉଛି । ଏକ ସାଧାରଣ ପରିବାରରୁ ଯାଇ ଡ. କଲାମ ଯେଉଁ ଶିଖରରେ ପହଞ୍ଚିଥିଲେ ସେଥିପାଇଁ ଆବଶ୍ୟକ ହେଉଥିବା ଦୃଢ଼ ପ୍ରତିଜ୍ଞା ଓ କର୍ମପ୍ରବଣତା ବର୍ତ୍ତମାନ ସମୟର ଆବଶ୍ୟକତା । ଜ୍ଞାନର ଆହରଣ ସହ ତା'ର ବ୍ୟବହାରିକ ପ୍ରୟୋଗ ଜାଣିବା ଦ୍ୱାରା ମନୁଷ୍ୟ ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ । ଏହି ବିଶ୍ୱାସର ବୀଜ ଥରେ ମଣିଷ ମନରେ ରୋପିତ ହେଲେ ସେ ସମସ୍ତ ବାଧାବିଘ୍ନକୁ ଅକ୍ଲେଶରେ ପାର କରି ତା'ର ଲକ୍ଷ୍ୟ ହାସଲ କରିପାରିବ ।

ଟ୍ରଷ୍ଟ ପକ୍ଷରୁ କଲାମଙ୍କ ଜୀବନଦର୍ଶନକୁ ଅଧିକରୁ ଅଧିକ ପ୍ରଚାର-ପ୍ରସାର ପାଇଁ ଉଦ୍ୟମ କରାଯିବା ସୁଖର କଥା । ସମସ୍ତ ଟ୍ରଷ୍ଟି ଓ ସଦସ୍ୟଙ୍କୁ ମୋର ଶୁଭେଚ୍ଛା ଓ ସେମାନଙ୍କର ସର୍ବଶୁଭ ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା ।

**(ଡ. ପ୍ରଭାସ ଆଚାର୍ଯ୍ୟ)**

ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ

# ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ

ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା-୭୬୧୦୩୦, ଦୂରଭାଷ: ୦୬୮୧୦୨୫୬୩୫୨





**ସୁବ୍ରତ କୁମାର ମଲ୍ଲିକ**

ଅଧ୍ୟକ୍ଷ

ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ

ଖଲ୍ଲିକୋଟ, ଗଂଜାମ


## ଶୁଭ ବାର୍ତ୍ତା

ମିଜାଇଲ୍ ମାନବ ଡ. ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ୍ ଖଲ୍ଲିକୋଟ ତରଫରୁ 'ସ୍ମୃତିସୁଧା' ପତ୍ରିକାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇବାକୁ ଯାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ସେହି ମହାନ ପୁରୁଷଙ୍କର ଜୀବନଦର୍ଶନ ଆମ୍ଭମାନଙ୍କୁ ସମାଜ କଲ୍ୟାଣରେ ବ୍ରତୀ ହେବାକୁ ପ୍ରେରଣା ଯୋଗାଇ ଆସୁଥିବ ଭବିଷ୍ୟତ ନାଗରିକମାନଙ୍କୁ ମଧ୍ୟ ଉଦ୍‌ବୁଦ୍ଧ କରାଇବ ।

ଏହି ଅବସରରେ ପତ୍ରିକାର ବହୁଳ କାମନା କରିବା ସହିତ ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

(ସୁବ୍ରତ କୁମାର ମଲ୍ଲିକ)

# भाकृअनुप-भारतीय जल प्रबंधन संस्थान

ICAR-IIWM

**ICAR-Indian Institute of Water Management**

(An ISO 9001: 2015 Certified Institute)

भुवनेश्वर, ओडिशा Bhubaneswar-751023, Odisha

Website: www.iiwm.res.in Email: sumanta.mishra@icar.gov.in




**Dr. S.K. Mishra**

**Principal Scientist**

## MESSAGE

I am extremely happy to know that **Dr. A.P.J. Abdul Kalam Jana Kalyana Charitable Trust**, Khallikote, Ganjam, Odisha is observing its Annual Function on 16th October, 2022 as a mark of respect to the legendary aerospace scientist, the 'Millile Man of India' and former President of Indian Republic, Bharat Ratna late Dr. A.P.J. Abdul Kalam coinciding with his 92nd birth anniversary.

Since its inception, a little over five years, the Trust has been engaged in several socio-economic development and humanitarian activities in the field of agriculture, health & hygiene, sanitation, education, forest & environment, road safety and women empowerment etc benefiting numerous helpless, landless and poor people from weaker sections of the society. The dedicated team of social workers of the Trust has provided exemplary services during Covid 19 pandemic period and natural calamities to help the distressed people. It works on ensuring the benefits of central and state governments to reach the unreached. In addition the organisation is also engaged in highlighting the significant contributions and sacrifices of great leaders, reformers, visionaries and freedom fighters.

It gives me immense pleasure to write this essage for the Souvenir of the Trust to be brought out during its anniversary function on 16th October, 2022, when the World also observes 'World Food Day'.

I wish the event a grand success and also wish the Trust to continue serving in such nation building activities to make us always feel proud.

Sincerely,

Bhubaneswar

Dt. 15.9.2022

**(S.K. Mishra)**

# ସଭାପତିଙ୍କ କଲମରୁ...



ସମାଜ ମଙ୍ଗଳର ମହତ୍ତ୍ୱ ଦର୍ଶାଇବାକୁ ଯାଇ ଜନୈକ କବି ଉଲ୍ଲେଖ କରିଥିଲେ:

"ନିଜେ କଷ୍ଟ ସହି ପରର କରେ ଯେ ଉପକାର
ଧନ୍ୟ ତା ଜୀବନ ସଂସାରେ ଧନ୍ୟ ଜନମ ତାର ।"

ସେ ଦୃଷ୍ଟିରୁ ବ୍ୟକ୍ତି ଅଥବା ଅନୁଷ୍ଠାନ ମନୁଷ୍ୟର ତଥାକଥିତ କ୍ଷଣସ୍ଥାୟୀ ଜୀବନରେ ଯଦି କିଛି ସତ୍ କର୍ମ ସଂସାଧନ କରିଥାନ୍ତି, ତେବେ ପଦଚିହ୍ନ ଅନୁରୂପ ପର ମୁହୂର୍ତ୍ତରେ ସେସବୁକୁ କେହି ନା କେହି ଅନୁସରଣ କରିବା ସହିତ କାର୍ଯ୍ୟକାରୀ କରିଥାନ୍ତି । ଅତଏବ ଆମର ଲକ୍ଷ୍ୟ ଆଉ ଆଭିମୁଖ୍ୟ ମହତ୍ ହେବା ବିଧେୟ ।

ଏ ପ୍ରକାର ମହାନ୍ ଉଦ୍ଦେଶ୍ୟ ରଖି ଗତ ତା. ୭.୦୬.୨୦୧୭ ରିଖରେ ଗଂଜାମ ଜିଲ୍ଲା ଖଲ୍ଲିକୋଟରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ବୈଜ୍ଞାନିକ, କ୍ଷେପଣାସ୍ତ୍ରର ଜନକ ତଥା ପ୍ରାକ୍ତନ ଲୋକପ୍ରିୟ ରାଷ୍ଟ୍ରପତି କଲାମଙ୍କ ସ୍ମୃତିରେ 'ଡକ୍ଟର ଏ.ପି.ଜେ. ଅବଦୁଲ କଲାମ୍ ଶିକ୍ଷକ କଲ୍ୟାଣ ପରିଷଦ' ସ୍ୱଳ୍ପ ସଂଖ୍ୟକ ଶିକ୍ଷକ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କୁ ପାଥେୟ କରି ଅୟମାରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ସାମାଜିକ ଅନୁଷ୍ଠାନ 'ଶିକ୍ଷକ କଲ୍ୟାଣ ପରିଷଦ' ପରିବର୍ତ୍ତେ 'ଡ. ଏ.ପି.ଜେ. ଅବଦୁଲ କଲାମ୍ ଚାରିଟେବୁଲ ଟ୍ରଷ୍ଟ' ଭାବେ ନାମିତ ହୋଇ ପ୍ରଗତି ପଥରେ ନିରନ୍ତର କାର୍ଯ୍ୟକରି ଆସୁଅଛି ।।

'ମାନବ ସେବା ହିଁ ମାଧବ ସେବା' ଏବଂବିଧ ସକରାତ୍ମକ ଚିନ୍ତାଧାରା ଅବ୍ୟାହତ ରଖି ସମାଜର ବିଭିନ୍ନ ସ୍ତରର ବ୍ୟକ୍ତିବିଶେଷଙ୍କ ନିମନ୍ତେ ଗୁରୁଦାୟିତ୍ୱ ନିର୍ବାହ କରିଆସୁଅଛି । ନିଃଶୁଳ୍କ ରକ୍ତଦାନ ଶିବିର, ଚକ୍ଷୁଦାନ ଶିବିର, ଅଙ୍ଗଦାନ ସଚେତନତା ଶିବିର, ଗରିବ ଅସହାୟ ଲୋକଙ୍କୁ ବସ୍ତ୍ରଦାନ, ଥିଲେ ଦିଅ ନଥିଲେ ନିଅ, ଦେଶଦଶ ପାଇଁ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଅମର ସହିଦ ସ୍ମୃତିସଭା, ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଶୋକସଭା, ଆଦି ଭଳି ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନେଇଛି । ଏତଦ୍‌ବ୍ୟତୀତ ବର୍ଷସାରା ବହୁବିଧ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସଂପାଦନ କରି ସଂପୃକ୍ତ ପରିଷଦ ପ୍ରଶଂସାର ପ୍ରିୟପାତ୍ର ହୋଇପାରିଛି । ଏଥିସହିତ ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧଦିବସ ସବୁକୁ ଉଦ୍ଦୀପନା ସହକାରେ ସମାହିତ କରିଆସୁଅଛି । ଆହୁରି ମଧ୍ୟ ବୃକ୍ଷରୋପଣ ଠାରୁ ଆରମ୍ଭ କରି ସାହିତ୍ୟ ସଭା, କବିତା ଆସର, ବିଭିନ୍ନ ସମୟରେ ଆୟୋଜନ କରି ସର୍ବସାଧାରଣରେ ଟ୍ରଷ୍ଟ ଆପଣାର ମାନ ମହତକୁ ପରିପ୍ରକାଶ କରିଅଛି ।  କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କୁ ମାଗଣାରେ ମାସ୍କ, ସାନିଟାଇଜର ଆଦି ବଣ୍ଟନ ସାଙ୍ଗକୁ ମହାମାରୀ କରୋନା ସକାଶେ ନିଜ ଜୀବନକୁ ବାଜି ଲଗାଇଥିବା ପ୍ରମୁଖ ବ୍ୟକ୍ତିଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସସମ୍ମାନେ ସମ୍ମାନିତ କରିବା ପ୍ରଭୃତି ଜନହିତକର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ତୁଲାଇ ସମଗ୍ର ଜିଲ୍ଲା କାହିଁକି, ପ୍ରାଦେଶିକ ସ୍ତରରେ ସ୍ୱତନ୍ତ୍ର ଆସନରେ ଆସୀନ ହୋଇଛି ।

ସଂପ୍ରତି ଏହି ଟ୍ରଷ୍ଟ ଡକ୍ଟର କଲାମଙ୍କ ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ଯୁଗୋଚିତ ପଦକ୍ଷେପ ସ୍ୱରୂପ ଏକ ସ୍ମରଣିକା 'ସ୍ମୃତିସୁଧା' ପରିପ୍ରକାଶ କରିବାକୁ ଯାଉଛି । ଏ କ୍ରମରେ ବହୁ ଲବ୍ଧ ପ୍ରତିଷ୍ଠିତ କବି, ଲେଖକ, ପ୍ରାବନ୍ଧିକ, ଶିକ୍ଷାବିତ୍ ପ୍ରମୁଖ ସେମାନଙ୍କ ସ୍ୱରଚିତ ବହୁମୂଲ୍ୟ ସୃଜନଶୀଳ ସୃଷ୍ଟି ସବୁ ପ୍ରେରଣ କରି ଆମ୍ଭ ଟ୍ରଷ୍ଟକୁ ଉତ୍ସାହିତ କରିବା ସହିତ ସମସ୍ତ ପ୍ରକାର ସହଯୋଗ ସହାନୁଭୂତି ନିଃସନ୍ଦେହରେ ପ୍ରଦାନ କରିଥିବାରୁ ସେହି କାଳଜୟୀ ସ୍ରଷ୍ଟାମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛି । ସଂପାଦିତ ମୁଖପତ୍ର ପାଇଁ ମାନ୍ୟବର ଓଡ଼ିଶା ରାଜ୍ୟପାଳ, ଗଣଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସବିଶେଷ ସାରସ୍ୱତ ସନ୍ଦେଶ ପ୍ରେରଣ କରି ମୁଖପତ୍ରର ମହତ୍ତ୍ୱକୁ, ଅଧିକରୁ ଅଧିକ ମହିମାନ୍ୱିତ କରିଥିବାରୁ ଉଭୟ ସ୍ରଷ୍ଟା ଆଉ ଶୁଭେଚ୍ଛୁମାନଙ୍କୁ ସାଧୁବାଦ ତଥା ହୃଦୟରୁ କୃତଜ୍ଞତା ପ୍ରଦାନ କରୁଅଛି । ସର୍ବୋପରି ସମସ୍ତଙ୍କ ସାହାଯ୍ୟ ସହଯୋଗ ସଦିଚ୍ଛାକୁ ପାଥେୟ କରି ଟ୍ରଷ୍ଟ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସବୁ ସଂପନ୍ନ କରିବାକୁ ଅଣ୍ଟା ଭିଡ଼ିଛି । ପରିଶେଷରେ ଜଗତର ପିତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ମୁଖପତ୍ରର ପରିପୂର୍ଣ୍ଣତା ସକାଶେ ନିବେଦନ କରୁଅଛି ।

ପୂର୍ଣ୍ଣ ଚନ୍ଦ୍ର ବେହେରା

**(ସଭାପତି)**

# ଜୟନ୍ତୀ ଉତ୍ସବ ସଂପାଦକଙ୍କ କଲମରୁ...



ଆଜିର ପୂଜା ପାର୍ବଣରେ ଶୁଦ୍ଧ ଭକ୍ତିର ଅଭାବ ଆବଶ୍ୟକତାକୁ ହୃଦୟଙ୍ଗମ କରିହୁଏ । ସମସ୍ୟା କାହା ଆଗେ ବଖାଣିବା । ଏ କ୍ରମରେ ରାସ୍ତାଘାଟରେ ପୂଜାପାର୍ବଣ ନାଆଁରେ ନୀତିବିହୀନ ଅରାଜକତା ଚରମ ସୀମାରେ ପହଞ୍ଚିଥିବା ଆମ୍ଭେ ସମସ୍ତେ ଅଳ୍ପ ବହୁତ ଅନୁଭବ କରୁଅଛୁ । ଆଜିକାଲି ପରିସ୍ଥିତି ଢେର୍ ବଦଳି ଯାଇଛି । ବାଉଁଶ ବାନ୍ଧି ଦଉଡ଼ି ଛନ୍ଦ ମଦ ମାଉଁସରେ ଲିପ୍ତ ରହୁଛନ୍ତି ଅନେକେ । ମନ୍ତ୍ରତନ୍ତ୍ର ବଳରେ ବିନ୍ଦୁବିସର୍ଗ ନ ଜାଣି ସାଧାରଣ ଲୋକଙ୍କୁ ଭୁଆଁ ବୁଲେଇବା ସୁବିଧାବାଦୀଙ୍କ ଠାରୁ କ'ଣ ଅବା ଆଶା କରିବା ? ଏତଦ୍‌ବ୍ୟତୀତ ପାର୍ବଣ ଋତୁର ଆରମ୍ଭ ମାତ୍ରେ ଅହେତୁକ ଠେଲାପେଲା, ମାରପିଟ, ସ୍ୱାର୍ଥ ଅହଙ୍କାରର କଷାକଷି ଚାଲେ । ସବୁଠି ଅସ୍ତ୍ର ଚାଳନା, ଗୁଳି ଚାଳନା, ବୋମା ବର୍ଷଣ ଭଳି ଶତ୍ରୁତା ପ୍ରତିହିଂସା ପରାୟଣତା ମଣିଷ ମନରେ ଅଶାନ୍ତିର ବାତାବରଣ ସୃଷ୍ଟି କରିଛି । ଏସବୁ ନକରାତ୍ମକ ଚିନ୍ତାଧାରା, କାର୍ଯ୍ୟକଳାପରୁ ଦୂରେଇ ରହି ଏଭଳି ସ୍ଥିତି ସକାରାତ୍ମକ ମନୋଭାବ ଉଜ୍ଜୀବିତ ରଖିଥିବା କତିପୟ ନିଃସ୍ୱାର୍ଥପର ଚିନ୍ତାନାୟକ, ଦାର୍ଶନିକ, ସମାଜ ସଂସ୍କାରକ, ସମାଜସେବୀ ଆପଣା ସୁଖ ସ୍ୱାଚ୍ଛନ୍ଦ୍ୟକୁ ବିପନ୍ନ କରି ଆଲୋକ ବର୍ତ୍ତିକା ତୁଲ୍ୟ ନିରନ୍ତର ଆଲୋକ ବିତରିବା ନିହାତି ମଙ୍ଗଳ ସୂଚକ । ତନ୍ମଧ୍ୟରୁ ଡକ୍ଟର ଏ.ପି.ଜେ. ଅବଦୁଲ କଲାମ୍ ଅନ୍ୟତମ । ସେ ଜଣେ ସୁଖ୍ୟାତି ସଂପନ୍ନ ବୈଜ୍ଞାନିକ, ଶିକ୍ଷାବିତ୍, ରାଷ୍ଟ୍ରପତି, କ୍ଷେପଣାସ୍ତ୍ର ନିର୍ମାତା ସର୍ବୋପରି ଜଣେ ସାଧୁ ମଣିଷ ଥିଲେ । ସମାଜ ପ୍ରତି ତାହାଙ୍କ ତ୍ୟାଗ ଅବଦାନ ଅବିସ୍ମରଣୀୟ । ରାମେଶ୍ୱରମ୍ ଠାରୁ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ପହଞ୍ଚିବା ପଛରେ ତାହାଙ୍କର ଏକ ବିସ୍ତୃତ ଜୀବନ କାହାଣୀ ରହିଛି । ପାଠ ପଢ଼ିବା ସମୟରୁ ଦୁଆର ଦୁଆର ବୁଲି ଖବରକାଗଜ ବିତରଣ କରି ବାପାଙ୍କୁ ସାହାଯ୍ୟ କରି ଆସୁଥିଲେ । ଐକାନ୍ତିକ ନିଷ୍ଠା, ପ୍ରଚେଷ୍ଟା, ଆଗ୍ରହ, କଠିନ ପରିଶ୍ରମ ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ସେ ପେପର ବିକାଳିରୁ ଜଣେ ଆଗଧାଡ଼ିର ବୈଜ୍ଞାନିକ ତଥା ଭାରତର ଲୋକପ୍ରିୟ ରାଷ୍ଟ୍ରପତି ହୋଇପାରିଥିଲେ ।

ସେପରି ଜଣେ ଯୋଗଜନ୍ମା, କର୍ତ୍ତବ୍ୟପରାୟଣ, ମିଷ୍ଟଭାଷୀ, ପରୋପକାରୀ, ସମାଜ ସୁଧାରକ, ନୀତିନିଷ୍ଠ ବ୍ୟକ୍ତିଙ୍କ ଜୀବନାଦର୍ଶକୁ ପାଥେୟ କରି ଗଂଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳରେ ଏକ ସାମାଜିକ ଅନୁଷ୍ଠାନ 'ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ' ଗଢ଼ିଉଠି ସାରସ୍ୱତ କାର୍ଯ୍ୟକ୍ରମ ସବୁ ସଂପାଦନ କରିବା କ୍ଷେତ୍ରରେ ଆଗୁସାର ହୋଇଛି । ପରିଷଦର ସଭାପତି ତଥା ପ୍ରତିଷ୍ଠାତା ଅଛନ୍ତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରା । ତାହାଙ୍କ ଉଦ୍ୟମ, କର୍ମକର୍ତ୍ତାଙ୍କ ସହଯୋଗ, ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ସହାନୁଭୂତି ବଳରେ ପରିଷଦ ବହୁ ଜନହିତକର କାର୍ଯ୍ୟ ଯଥା ରକ୍ତଦାନ ଶିବିର, ଚକ୍ଷୁଦାନ ଶିବିର, ଅଙ୍ଗଦାନ ସଚେତନତା ଶିବିର, ଥିଲେ ଦିଅ ନଥିଲେ ନିଅ, ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଅମର ସହିଦ ସ୍ମୃତିସଭା, ବିଶିଷ୍ଟ ଚିନ୍ତାନାୟକଙ୍କ ବିୟୋଗରେ ଶୋକସଭା ଆୟୋଜନ ପରି କାର୍ଯ୍ୟକ୍ରମମାନ ସଂପନ୍ନ କରି ଆସୁଅଛି । ପରିଷଦ ପରିବେଶର ବନ୍ଧୁ ଗଛଲତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଆସିଛି । ସେ ଦୃଷ୍ଟିରୁ ବର୍ଷର ଅଧିକାଂଶ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥଳ ବିଶେଷରେ ସଫଳତାର ସହିତ ତୁଲାଇ ଆସୁଛି । କରୋନା ସଚେତନତା, ଜନସାଧାରଣଙ୍କୁ ମାଗଣାରେ ମାସ୍କ, ସାନିଟାଇଜର ଆଦି ବିତରଣ, କବିତା ପାଠୋତ୍ସବ, ସାହିତ୍ୟ ଆସର, ସ୍ମୃତି ସଭା ପାଳନ ଇତ୍ୟାଦି ଜନକଲ୍ୟାଣ ମୂଳକ ସାମାଜିକ କାର୍ଯ୍ୟସବୁକୁ ଉତ୍ତମ କର୍ତ୍ତବ୍ୟ ଭାବେ ସମାହିତ କରିବା ଆମ୍ଭମାନଙ୍କ ପାଇଁ ଗୌରବର ବିଷୟ । କେବଳ ସେତିକି ନୁହେଁ ସେହି ସେହି କ୍ରାନ୍ତିକାରୀ ବ୍ୟକ୍ତିଙ୍କ ସ୍ମୃତିରେ ଚଳିତବର୍ଷ ଭାରତ ନିର୍ମାଣରେ ସହଯୋଗ କରିଥିବା ପ୍ରାଚୀନରୁ ଆଧୁନିକ ବିଦ୍ୱତ୍ ପ୍ରବୁଦ୍ଧ ବ୍ୟକ୍ତିବିଶେଷଙ୍କୁ ଭିତ୍ତି କରି ପ୍ରକାଶ ପାଇବାକୁ ଥିବା 'ସ୍ମୃତିସୁଧା'ର ସଫଳ ପରିପ୍ରକାଶ ଆଶା କରିବା ସହିତ ସମସ୍ତ ହିତାକାଂକ୍ଷୀଙ୍କୁ କୃତଜ୍ଞତା ଜଣାଉଛି ।

Panchanan Sur

(ପଞ୍ଚାନନ ସୁର)

ଜୟନ୍ତୀ ଉତ୍ସବ ସଂପାଦକ

# ସଂପାଦକୀୟ...



ସବୁଜ ବନାନୀଘେରା ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଗୋଟିଏ ପଟେ ମାରୁଆ ଅତୀତର ମୂକସାକ୍ଷୀ ପରି ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ସ୍ମୃତିଗୁଡ଼ିକୁ ତା' ଉତ୍ତରପିଢ଼ିଙ୍କ କର୍ଣ୍ଣଗହ୍ୱରରେ ପ୍ରତିଧ୍ୱନିତ କରୁଥିବା ବେଳେ ଅପରପାର୍ଶ୍ୱରେ ମୁନିଜନ ବିମୋହିତ ବାଘୁଆ (ଜୟଦୁର୍ଗା) ଜାଗ୍ରତ ପ୍ରହରୀ ପରି ଜଗିରହି ଦେଖୁଛି ତା'ର ଅତୀତକୁ । ଖଲି ପାଖୁଡ଼ା ପରି ଯୋଡ଼ି ହୋଇ ନାମିତ ହୋଇଥିବା ଖଲ୍ଲିକୋଟ, କିମ୍ବା ପାର୍ବତ୍ୟ ଖୋଲ ମଧ୍ୟରେ ପ୍ରାଚୀନ କଙ୍ଗୋଦ  ରାଜ୍ୟର 'ପଦ୍ମଖୋଲ' ନାମକ ସ୍ଥାନ ପରବର୍ତ୍ତୀ କାଳରେ 'ଖଲ୍ଲିକୋଟ'  ନାମରେ ପରିଚିତ ହୋଇଥିବା ଅନୁମାନ କରାଯାଏ । ବିଶେଷତଃ ଗେଣ୍ଡୁ ରଣା ଓ କୀର୍ତ୍ତନ ରଣା ଯୋଦ୍ଧାଦ୍ୱୟଙ୍କ ପ୍ରତିଷ୍ଠିତ ରାଜ୍ୟ ଐତିହାସିକ ପ୍ରେକ୍ଷାପଟରେ ଆଜିବି ସେହିପରି ଦଣ୍ଡାୟମାନ । ଓଡ଼ିଶାର ସ୍ୱାଭିମାନ ତଥା ଗୌରବ ପ୍ରତି ଦୃଷ୍ଟି ଦେଇଥିବା ବାଲୁଙ୍କେଶ୍ୱର ମର୍ଦ୍ଦରାଜଙ୍କ ସୁପୁତ୍ର ହରିହର ମର୍ଦ୍ଦରାଜଙ୍କ ପ୍ରଥମ ଉତ୍କଳ ସମ୍ମିଳନୀ (୧୯୦୨)ର ସ୍ୱପ୍ନ ଓ ସଂକଳ୍ପ, ମଧୁବାବୁ, ସତ୍ୟବାଦୀର ପଞ୍ଚସଖା, ଗୋପବନ୍ଧୁ, ପ୍ରଥମ ଓଡ଼ିଆ ସାପ୍ତାହିକ ନୀଳମଣି ବିଦ୍ୟାରତ୍ନ, ପ୍ରଥମ ଦୈନିକ ପତ୍ରିକା 'ଦୈନିକ ଆଶା'ର ସଂପାଦକ ଶଶୀଭୂଷଣ ରଥ ଆଦିଙ୍କୁ ଏକତ୍ରୀକରଣ କରିବାର ପ୍ରୟାସ ଓ ଶୁଭ ଶଂଖ ବାଦନର ମୂକସାକ୍ଷୀ ରୂପେ ରମ୍ଭା ରାଜପ୍ରାସାଦ ଓ ଚିଲିକା ଅଦ୍ୟାପି ବିରାଜମାନ । ଏହାଛଡ଼ା କୁଟୀରଶିଳ୍ପ ଜରିଆରେ ଜୀବନ ଓ ଜୀବିକାକୁ ନେଇ ଚଳି ଆସୁଥିବା ଶହ ଶହ ଜନତା ଏବଂ ଶଗଡ଼ିଆଙ୍କ କରୁଣ କାହାଣୀ ଯନ୍ତ୍ରଶିଳ୍ପର ଆଗମନ ପରେ କିପରି ଧ୍ୱସ୍ତ ବିଧ୍ୱସ୍ତ ହୋଇପଡ଼ିଛି, ଏଇ ଖଲ୍ଲିକୋଟ ଗଡ଼ର ବାସ୍ତବ ଗଳ୍ପ 'ମାଗୁଣିର ଶଗଡ଼'ରୁ ସ୍ପଷ୍ଟ ବାରି ହୋଇପଡ଼େ । ସେହିପରି ସାହିତ୍ୟ କ୍ଷେତ୍ରରେ ରାଜକବି ବାଲୁଙ୍କେଶ୍ୱର ମର୍ଦ୍ଦରାଜଙ୍କ 'ବିଚିତ୍ର ପୁରାଣ', କନକମଞ୍ଜରୀଙ୍କ 'ବାଳିକା ପାଠ', ନୀଳମଣି ବିଦ୍ୟାରତ୍ନଙ୍କ କାଳଜୟୀ ପୁସ୍ତକ କିମ୍ବା 'ପ୍ରଜାବନ୍ଧୁ'ର ଭୂମିକା କମ୍ ନୁହେଁ । ସୁତରାଂ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଖଲ୍ଲିକୋଟ ଗଡ଼ର ଐତିହ୍ୟ ପରିପ୍ରେକ୍ଷୀରେ ଅବଦୁଲ କଲାମ ଗଣ ପରିଷଦର ଭୂମିକା ତଥା ଗୌରବମୟ କାର୍ଯ୍ୟକଳାପ ଏହି ଜିଲ୍ଲାର ଅବଦାନକୁ ମହିମାମଣ୍ଡିତ କରିପାରିଛି କହିବା ଭୁଲ ହେବନାହିଁ ।

ଆମର ପ୍ରକାଶ ପାଉଥିବା 'ସ୍ମୃତିସୁଧା' ସ୍ମରଣିକାରେ ବିବିଧ ଲେଖନୀ ନିସୃତ ଗଦ୍ୟ-ପଦ୍ୟ-ଇଂରାଜୀ ପ୍ରବନ୍ଧ ନବଭାରତ ନିର୍ମାତାମାନଙ୍କ ସମଗ୍ର ଜୀବନର ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ସ୍ୱୟଂସଂପୂର୍ଣ୍ଣ ଲେଖାଗୁଡ଼ିକ ଅତି ସୁନ୍ଦର ଭାବେ ସ୍ଥାନିତ ହୋଇଛି । ଲେଖକଲେଖିକାମାନଙ୍କର ସ୍ୱଳ୍ପ ସମୟର ପ୍ରୟାସ ଆମ 'ସ୍ମରଣିକା'ଟିକୁ ଆଣିଦେଇଛି ଅନନ୍ୟ ସଫଳତା । ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ସମ୍ମିଳିତ କିମ୍ବା ସ୍ୱତନ୍ତ୍ର ଭାବେ ବହୁମୁଖୀ ସମାଜମଙ୍ଗଳ କାର୍ଯ୍ୟକ୍ରମ କରି ଜନସାଧାରଣ ତଥା ସରକାରୀ ସ୍ତରରେ ପ୍ରଶଂସିତ ହୋଇଆସିଛି । ଯାହାର ପ୍ରାମାଣିକ ରୂପ 'ଶୁଭବାର୍ତ୍ତା' ରୂପେ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସରକାରୀ, ବେସରକାରୀ ଆନୁଷ୍ଠାନିକ ମୁଖ୍ୟମାନେ 'ସନ୍ଦେଶ' ଜରିଆରେ 'ସ୍ମୃତିସୁଧା'କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ହୃଦୟର ନିଭୃତ କୋଣରୁ କୃତଜ୍ଞତା ଜ୍ଞାପନ କରିଥିବା ଶୁଭେଚ୍ଛୁ ବନ୍ଧୁ, ଯେଉଁମାନଙ୍କ ପୁଣ୍ୟ ପ୍ରୟାସ ତଥା ସହଯୋଗରେ ପୁସ୍ତକଟି ଆଜି ସ୍ୱୟଂସଂପୂର୍ଣ୍ଣ ହୋଇପାରିଛି, ଆଜିର ଏହି ପୁଣ୍ୟ ଅବସରରେ ସମସ୍ତଙ୍କୁ ସାଧୁବାଦ ଜଣାଉଛି । ତତ୍‌ସହିତ ଆମର ଉଲ୍ଲିଖିତ ବିଚାରକ ମଣ୍ଡଳୀ ସଂଗୃହିତ ଲେଖାବଳୀକୁ ତର୍ଜମା କରିବା ସହ ପୁସ୍ତକରେ ସ୍ଥାନିତ କରିବା, ସାଂଗଠନିକ କାର୍ଯ୍ୟକୁ ଉତ୍ତମ ରୂପେ ସମ୍ପାଦନ କରୁଥିବା ସମସ୍ତ ସଦସ୍ୟସଦସ୍ୟା, ଅକ୍ଷର ସାଜସଜ୍ଜାର ସମର୍ପିତ ବ୍ୟକ୍ତିତ୍ୱ ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ମୁଦ୍ରଣ ଓ ପ୍ରକାଶନ ଦାୟିତ୍ୱ ସମ୍ପାଦନ କରୁଥିବା ଲୋକନାଥ ଅଫ୍‌ସେଟ୍‌ର ତତ୍ତ୍ୱାବଧାରକ ଲୋକନାଥ ମିଶ୍ର ଆଦି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ । ଯଦି ଏହି ପୁସ୍ତକ ସମ୍ପାଦନାରେ କିଛି ସଫଳତା ମିଳିଥାଏ ତାହା ସ୍ମରଣିକା ସମ୍ପାଦକ ତଥା ସମ୍ପାଦନାମଣ୍ଡଳୀଙ୍କ ଓ କିଛି ଯଦି ଗୁଞ୍ଜରଣ ହୁଏ ତାହା ମୋ ନିଜର । ଆଶାକରେ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଖୁସିରେ ରଖନ୍ତୁ । ବନ୍ଦେ ଉତ୍କଳ ଜନନୀ ।

ବିଜୟା ଦଶମୀ, ୨୦୨୨

(ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ)

# SCHEDULE FORM OF DECLARATION

## (Rule- iii)

| | | | |
|---|---|---|---|
| 1. | Place of Publication | : | Khallikote, Ganjam, Odisha |
| 2. | Periodicity of its Publication | : | Annual |
| 3. | Publisher's Name | : | Sri Purna Chandra Behera<br>President<br>Dr. A.P.J. Abdul Kalam Charitable Trust<br>Regd. No. 662201234/06.05.2022 |
| 4. | Editorial Board | : | Dr. Prakash Ch. Panigrahy<br>Sri Panchanana Sura<br>Sri Neelakantha Sahu<br>Sri Neelakantha Dash<br>Smt. Sarojbala Patnaik<br>Smt. Bidyutprabha Dash<br>Dr. Dwarikanath Maharana<br>Ms. Prasantamayee Rath<br>Sri Prabhat Kumar Mishra |
| 5. | Printer's Name | : | Lokanath Printers |
| 6. | Place of Printing | : | Telephone Bhawan Main Road,<br>Berhampur, Ganjam |
| 7. | Name and address of individual who owns the publication | : | Sri Purna Chandra Behera<br>President<br>Dr. A.P.J. Abdul Kalam Charitable Trust |

I Mr. Purna Chandra Behera, President, Dr. A.P.J. Abdul Kalam Charitable Trust, Khallikote, Ganjam hereby declare that the particulars given are true to the best of my knowledge and belief.

**Sri Purna Chandra Behera**
President
Dr. A.P.J. Abdul Kalam Charitable Trust

# ସୂଚୀପତ୍ର


| କ୍ର.ନଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| **ପ୍ରବନ୍ଧ ବିଭାଗ** | | | |
| ୧. | ଶ୍ରୀଅରବିନ୍ଦଙ୍କ ସ୍ୱପ୍ନର ଭାରତ | ପ୍ରମୋଦ କୁମାର ପଣ୍ଡା | ୧ |
| ୨. | ରବୀନ୍ଦ୍ରନାଥ ଠାକୁର | ପଞ୍ଚାନନ ସୁର | ୨ |
| ୩. | ନବଭାରତର ଅନ୍ୟତମ ନିର୍ମାତା: ଶ୍ୱେତ ବିପ୍ଳବର ଜନକ ଭର୍ଗିଜ୍ କୁରିଏନ୍ | ପୂର୍ଣ୍ଣଚନ୍ଦ୍ର ରଥ | ୫ |
| ୪. | କିଛି କଥା ଓ ବ୍ୟଥା | ସୁବାଷ ଚନ୍ଦ୍ର ପଣ୍ଡା | ୭ |
| ୫. | କାଳଜୟୀ ପ୍ରମୁଖ ବୈଜ୍ଞାନିକ | ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୮ |
| ୬. | ବିଶ୍ୱ ବିଜୟୀ ବିବେକାନନ୍ଦ | ବିଜୟ କୁମାର ବିଶ୍ୱାଳ | ୧୫ |
| ୭. | ଆମ ଜାତୀୟତାବାଦ ଓ ଯୋଗୀ ଶ୍ରୀଅରବିନ୍ଦ | ନୀଳକଣ୍ଠ ସାହୁ | ୧୭ |
| ୮. | ନବଭାରତର ନିର୍ମାତା: ପଣ୍ଡିତ ଜବାହାର | ପ୍ରଶାନ୍ତ ମହାନ୍ତି | ୧୯ |
| ୯. | ସ୍ମୃତିରେ ବିକ୍ରମ ସରାଭାଇ | ନୀଳକଣ୍ଠ ଦାଶ | ୨୩ |
| ୧୦. | ନବ ଉତ୍କଳର ନିର୍ମାତା ଶଶିଭୂଷଣ ରଥ | ଡକ୍ଟର ସୁରେନ୍ଦ୍ରନାଥ ସାହୁ | ୨୫ |
| ୧୧. | ଆଧୁନିକ ଭାରତର ପ୍ରକୃତ ନିର୍ମାତା: ପି.ଭି.ନରସିଂହ ରାଓ | ପ୍ରଶାନ୍ତମୟୀ ରଥ | ୨୯ |
| ୧୨. | ନବଭାରତର ନିର୍ମାତା: ଲୌହମାନବ ସର୍ଦ୍ଦାର ପଟେଲ | ଡ. ଦ୍ୱାରିକାନାଥ ମହାରଣା | ୩୨ |
| ୧୩. | ସବୁଜ ବିପ୍ଳବର ଜନକ- ସ୍ୱାମୀନାଥନ୍ | ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ | ୩୪ |
| ୧୪. | ଦେଶର ନବନିର୍ମାଣରେ ଉତ୍କଳଗୌରବ | ଡ. କୀର୍ତ୍ତିମଞ୍ଜରୀ ସାହୁ | ୩୬ |
| ୧୫. | ନବଭାରତ ନିର୍ମାଣରେ ଯୋଗୀରାଜ ଶ୍ରୀଅରବିନ୍ଦ | ବିଦ୍ୟୁତ୍‌ପ୍ରଭା ଦାଶ | ୪୦ |
| ୧୬. | ପଲ୍ଲୀଚିତ୍ର ବାର୍ତ୍ତାବହ 'କାରା କବିତା' ବିଶ୍ୱଜୟୀ କବିତା | ରବୀନ୍ଦ୍ର କୁମାର ମହାପାତ୍ର | ୪୨ |
| ୧୭. | କଲାମଙ୍କୁ ମମତାର ଚିଠି | ମମତା ପାଢ଼ୀ | ୪୪ |
| ୧୮. | ନବଭାରତର ନିର୍ମାତା: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ | ବ୍ରଜରାଜ ମିଶ୍ର (ରାନୁ) | ୪୫ |
| ୧୯. | ଉତ୍କଳର ଉତ୍କଳଭାରତୀ | ନୀହାରିକା ସାହୁ | ୪୮ |
| ୨୦. | ନୂତନ ରାଷ୍ଟ୍ର ଗଠନରେ ନାରୀର ଭୂମିକା | ଜୟନ୍ତୀ ବେହେରା | ୫୧ |
| ୨୧. | ନବ ଭାରତର ନିର୍ମାତା | ବିଭୂତିଭୂଷଣ ସ୍ୱାଇଁ | ୫୩ |
| ୨୨. | ଜନସେବକ ଲାଲବାହାଦୁର | ମହେନ୍ଦ୍ର କୁମାର ମଲ୍ଲିକ | ୫୬ |
| ୨୩. | ନବ ଭାରତର ଅନ୍ୟତମ ନିର୍ମାତା -ଡ.ଏମ୍.ଏସ୍. ସ୍ୱାମୀନାଥନ | ସ୍ୱପ୍ନା ଆଚାର୍ଯ୍ୟ | ୬୦ |
| ୨୪. | ମୁକ୍ତିସଂଗ୍ରାମୀ ଅନ୍ନପୂର୍ଣ୍ଣା | କୃଷ୍ଣଚନ୍ଦ୍ର ସୁଆର | ୬୩ |
| ୨୫. | ବିଜ୍ଞାନ ସାଧକ ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବସୁ | ଡାକ୍ତର ପୂଜା ଦେଓ | ୬୫ |
| ୨୬. | ଅଜଣା ବୈଜ୍ଞାନିକ ଜବିର ଇବନେ ହାଇୟାନ୍ | ଡ. ରାମଚନ୍ଦ୍ର ଦେଓ | ୬୭ |
| ୨୭. | ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇ | ଡ. ନିର୍ମଳେନ୍ଦୁ ଦେଓ | ୬୯ |
| ୨୮. | ସଂକ୍ଷେପରେ 'କଲାମ' | ଲୀଳାବତୀ ପାଢ଼ୀ | ୭୦ |
| ୨୯. | ସାହିତ୍ୟିକା କୁନ୍ତଳାକୁମାରୀ | ସୌଦାମିନୀ ସାହୁ | ୭୧ |
| ୩୦. | ନବ ଭାରତ ଭୂମି ଗଠନରେ ଏ.ପି.ଜେ ଅବଦୁଲ କଲାମ | ନିର୍ମଳା କୁମାରୀ ନାୟକ | ୭୨ |
| ୩୧. | ନବଭାରତର ନିର୍ମାତା: ସ୍ୱାମୀ ବିବେକାନନ୍ଦ | ଆଶୁତୋଷ ଦାଶ | ୭୩ |
| ୩୨. | ନବଭାରତର ନିର୍ମାତା: ପି.ଭି. ନରସିଂହ ରାଓ | ଆହୁତି ପଟ୍ଟନାୟକ | ୭୬ |
| ୩୩. | ତୁଳସୀ ଦୁଇ ପତ୍ରରୁ ବାସେ | ସୌଦାମିନୀ ମିଶ୍ର (ଦାଶ) | ୭୭ |
| ୩୪. | ଶ୍ରୀଅରବିନ୍ଦ ଏବଂ ସ୍ୱାଧୀନ ଭାରତ | ଶିବାନୀ ପଟ୍ଟନାୟକ | ୮୦ |

# ସୂଚୀପତ୍ର


| କ୍ର.ନଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୩୫. | ନବଭାରତ ନିର୍ମାଣ ଏକ ସଂକଳ୍ପବଦ୍ଧ ଆହ୍ୱାନ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୮୨ |
| ୩୬. | ନବଭାରତର ସେବାର ପ୍ରତିମୂର୍ତ୍ତି: ମଦର ଟେରେସା | ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ | ୮୪ |
| ୩୭. | ସାହିତ୍ୟ ଜଗତର ଅମ୍ଳାନ ପ୍ରତିଭା ଫକୀରମୋହନ | ପ୍ରଭାତୀ କୁମାରୀ ଦାସ | ୮୫ |
| ୩୮. | ଏ.ପି.ଜେ. ଅବଦୁଲ କଲାମ୍ | ଡା. ସୁଶାନ୍ତ କୁମାର ମିଶ୍ର | ୮୮ |
| ୩୯. | ଡ.ଏପିଜେ ଅବ୍‌ଦୁଲ କାଲାମ ମେମୋରିଆଲ: ଭାରତର ଏକ ବିରଳ କୃତି– | ଚନ୍ଦ୍ରମୋହନ ମହାପାତ୍ର | ୮୯ |
| ୪୦. | ସୁପୁତ୍ର ସୁରେନ୍ଦ୍ର ଏବଂ ଉଲୁଗୁଲାନ୍ | ଦୀପିକା ଦାଶ | ୯୧ |
| ୪୧. | ଲବଣ ସତ୍ୟାଗ୍ରହ | ସୁଜିତ କୁମାର ବେହେରା | ୯୩ |
| ୪୨. | ନବଭାରତର ନିର୍ମାତା: ଯୁଗଦ୍ରଷ୍ଟା ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ | ପଞ୍ଚାନନ ଖଟୁଆ | ୯୫ |
| ୪୩. | ଜୀବନ ବିଜ୍ଞାନୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର | ନବୀନ ସାହୁ | ୯୯ |
| **କବିତା ବିଭାଗ** | | | |
| ୪୪. | ଆଦର୍ଶ ଶୀର୍ଷରେ | ବସନ୍ତ କୁମାରୀ ସାମନ୍ତ | ୧୦୧ |
| ୪୫. | ସରଳାଦେବୀ ସ୍ମରଣେ | ଡ. ସୀମାଞ୍ଚଳ ପ୍ରଧାନ | ୧୦୧ |
| ୪୬. | ଗାନ୍ଧି: ଏକ ଅନ୍ୱେଷଣ | ରକ୍ଷକ ନାୟକ | ୧୦୨ |
| ୪୭. | ଝର୍କା | ପ୍ରହଲାଦ ବେହେରା | ୧୦୩ |
| ୪୮. | ଶିଶୁ ଶ୍ରମିକର କଥା | ମିତାଞ୍ଜଳି ମିଶ୍ର | ୧୦୩ |
| ୪୯. | ଲାଲ ବାହାଦୂର ଶାସ୍ତ୍ରୀ | ମୀତାରାଣୀ ପଟ୍ଟନାୟକ | ୧୦୪ |
| ୫୦. | ହେ ଗାନ୍ଧି ପ୍ରଣାମ | ବି. ସତ୍ୟମ୍ ଆଚାରୀ | ୧୦୫ |
| ୫୧. | ପୁଣ୍ୟଭୂମି ଭାରତ | ସୁଦାମ ପାଣିଗ୍ରାହୀ | ୧୦୫ |
| ୫୨. | ପଞ୍ଚସ୍ତରୀ ବର୍ଷରେ ଭାରତ: ନବଭାରତ | ଭବାନୀ ପଣ୍ଡା | ୧୦୬ |
| ୫୩. | କତିପୟ ପରିଣତି ଓ ଅନୁତାପ | ଶ୍ରୀପ୍ରସାଦ ଆଚାର୍ଯ୍ୟ | ୧୦୭ |
| ୫୪. | ନବଭାରତର ବିନ୍ଧାଣୀ | ପ୍ରସନ୍ନ କୁମାର ନାୟକ | ୧୦୮ |
| ୫୫. | ମାଆ ଟେରେସା | ବିଷ୍ଣୁପ୍ରିୟା ଜେନା | ୧୦୯ |
| ୫୬. | ହେ ମହାତ୍ମା କଲାମ | ତିଳକ ରାମ ନିଆଲ | ୧୦୯ |
| ୫୭. | ଭାରତର ନବନିର୍ମାତା : ନରେନ୍ଦ୍ର ମୋଦି | ସରୋଜବାଳା ପଟ୍ଟନାୟକ | ୧୧୦ |
| ୫୮. | ସ୍ୱାଧୀନ ଆମେରେ | ସୁଶ୍ରୀ ସୁଚେତା ପାଣିଗ୍ରାହୀ | ୧୧୧ |
| ୫୯. | ଏଇ ମୋ ଭାରତବର୍ଷ | ରଞ୍ଜିତାରାଣୀ ଦାଶ | ୧୧୧ |
| ୬୦. | ଦ୍ରୌପଦୀ | ସବିତା କୁମାରୀ ପଟ୍ଟନାୟକ | ୧୧୨ |
| ୬୧. | ସେବାର ସାରଥୀ | ସୁରଞ୍ଜନ ପାତ୍ର | ୧୧୩ |
| ୬୨. | ବାପୁ | ପ୍ରଭାବତୀ ଆଚାର୍ଯ୍ୟ | ୧୧୩ |
| ୬୩. | ନବ ଭାରତର ନିର୍ମାତା | ଜୟ କୁମାର ମିଶ୍ର | ୧୧୪ |
| ୬୪. | ବିଜୟ ତ୍ରିରଙ୍ଗା | ଧ୍ରୁବଚରଣ ବେହେରା | ୧୧୫ |
| ୬୫. | ନବଭାରତର ନିର୍ମାତା | କୁନା ସେଠୀ | ୧୧୬ |
| **ଇଂରାଜୀ ବିଭାଗ** | | | |
| 66. | Vivekananda : Maker's of Modern India | Siba Prasad Mishra | 117 |